## ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

ପଦ୍ମପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ବଡ଼ମଛୁଆଘାର ଗ୍ରାମର ଶରତ ବେହେରା(୪୦)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ସେ ସୋମବାର କାଶିପୁର ଅଞ୍ଚଳରେ ଏକ ଛାତ ପକା କାର୍ଯ୍ୟରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ମିକ୍ସଚର ମେଶିନକୁ ସଂଯୋଗ କରିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଚେତ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଶିକ୍ଷକ ଗିରଫ

ଭଦ୍ରକ ଅଫିସ, ୧୨।୧୦: ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ବହି ଆଣିବା ଆଳରେ ଜଣେ ଶିକ୍ଷକ ବଳାତ୍କାର ଉଦ୍ୟମ କରି ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ସେକ୍ ଅବଦୁଲ କାଲାମ। ଏହି ଘଟଣାକୁ ଚପାଇବାକୁ ଉଦ୍ୟମ କରାଯାଇଥିବାବେଳେ ଛାତ୍ରୀଙ୍କ ମା' ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରଦୀପ ମହନ୍ତ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଶିକ୍ଷକ ସେକ୍ ଅବଦୁଲ କଲାମଙ୍କୁ ଗିରଫ କରିବାସହିତ ଏକ ମାମଲା (ନଂ ୨୮୧/୨୧)ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି।

### ଅଢ଼େଇ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ରୂପସା, ୧୨।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ପାଉଁଶକୁଲି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ଗଞ୍ଜେଇ ବେପାରୀ ସୁନାରାମ ସିଂ(୬୦)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୨କେଜି ୮ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ମାମଲା(ନଂ.୪୬/୨୧-୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବସ୍ତା ଅବକାରୀ ଓଆଇସି କୁଳମଣି ମହାରଣା, ସଦର ଅବକାରୀ ବିଭାଗ ଓଆଇସି ବାଳକ ବିସି, ଏଏସ୍‌ଆଇ ମଙ୍ଗଳ ସିଂ, ଅଞ୍ଜନ ଜେନା, ଜେ. ଦାସପଟ୍ଟନାୟକ, କନଷ୍ଟେବଲ ସୃଷ୍ଟି ଦେହୁରୀ, ବାବାଜୀ ପଣ୍ଡିତ, ଶଶୀକାନ୍ତ ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଦୀର୍ଘଦିନ ଧରି ସେ ଚୋରାରେ ଏହି ବେପାର ଚଳାଉଥିବା ଅଭିଯୋଗ ହୋଇଆସୁଥିଲା।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ପାଟଣା, ୧୨।୧୦(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ଗ୍ରାମ ଦେଇ ପ୍ରବାହିତ ବୈତରଣୀ ନଦୀର କାଳୀ ଟାଙ୍ଗିରି ଘାଟରେ ସାଙ୍ଗ ସହ ସୋମବାର ମାଛ ଧରିବାକୁ ଯାଇଥିବା ନାଏକ ସାହିର ସହଦେବ ବିଶୋଇ( ୨୦) ଭାସି ଯାଇ ନିଖୋଜ ହୋଇ ଯାଇଥିଲେ। ମଙ୍ଗଳବାର ସକାଳୁ କିଛି ଯୁବକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାଟଣା ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୩୨/୨୧) ରୁଜୁ ହୋଇଥିବା ଥାନା ଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

### ରୋଜଗାର ପାଇଁ ବୁଲିବ ସଚେତନତା ରଥ

ବାରିପଦା ଅଫିସ, ୧୨।୧୦: ମୟୂରଭଞ୍ଜ ଜିଲାରେ ଥିବା ଅଣରାଜନୈତିକ ଅନୁଷ୍ଠାନ ଭଞ୍ଜସେନା ପକ୍ଷରୁ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ବନଜାତ ଦ୍ରବ୍ୟର ବ୍ୟବସାୟୀକରଣ ନିମନ୍ତେ ଦାବି ଉପସ୍ଥାପନ କରାଯାଇଛି। ଜିଲାରେ ଥିବା ବେକାର ଯୁବତୀ ଯୁବକମାନଙ୍କୁ ରୋଜଗାର ଯୋଗାଇବା ପାଇଁ 'ସରକାର ମୋତେ ରୋଜଗାର ଦିଅ' ନାମକ ସଚେତନତା ରଥ ଡିସେମ୍ବର ୩ତାରିଖଠାରୁ ଜିଲାବ୍ୟାପି ପରିକ୍ରମା କରିବ ବୋଲି ସେନାର ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏହି ଅବସରରେ ସେନାର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଶୃଙ୍ଖଳା କମିଟିର ଅଧକ୍ଷ ଭାବେ ସତ୍ୟସ୍ୱରୂପ ଦାଶ, ଉପାଧକ୍ଷ ମହମ୍ମଦ ଖାନ, ଅଞ୍ଜନ ବରାଳ, ଲାଲ ବାହାଦୂର ମହାନ୍ତି ଓ ଧିରେନ କୁମାର ରାୟ, ସେନାର ଅଧକ୍ଷ ଭାବେ ଶୁଭେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ସୌମିତ ବଳ, ଡମ୍ବରୁ ମହାନ୍ତ, ଜିଲା ଉପସଭାପତି ଭାବେ ଏମ୍‌ଡି ଫିରୋଜ, ଜିତୁ ଶିବାନନ୍ଦ, ମଳୟ କର, ରୂପକ ମହାନ୍ତି, ସନାତନ ସାହୁ, ପ୍ରଶାନ୍ତ ମହାକୁଡ ଓ ରାକେଶ ମହାନ୍ତିଙ୍କୁ ମନୋନୀତ କରାଯାଇଛି।

### ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବୃକ୍ଷରୋପଣ

ପାଟଣା,୧୨।୧୦(ସ୍ୱ.ପ୍ର.): ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ଠାରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ବିଜେଡି ତରଫରୁ ସମାଜସେବା, ରକ୍ତଦାନ ଶିବିର ଓ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପାଟଣା ବ୍ଲକର ଚାକୁଣ୍ଡାପାଳ ପଞ୍ଚାୟତ ଶରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଟଣା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବରିଷ୍ଠ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ, ଭରତ ଚନ୍ଦ୍ର ପାତ୍ର, ପାଟଣା ବ୍ଲକ ଯୁବ ବିଜେଡି ସଭାପତି ରଘୁବର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ନାକେଦମ୍ କରୁଛି ଟ୍ରାଫିକ୍ ଜାମ୍

- ଥାନାର ନିଜସ୍ୱ କାର୍ଯ୍ୟାଳୟ ନାହିଁ
- ଖାଲି ପଡ଼ିଛି ଇନ୍ସପେକ୍ଟର ପଦବୀ
- ବାରିପଦା ସହରରେ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବାରିପଦା ଅଫିସ,୧୨।୧୦

ଜନଗହଳିପୂର୍ଣ୍ଣ ମୟୂରଭଞ୍ଜ ଜିଲା ବାରିପଦା ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ପାର୍ବଣ ଯୋଗୁ ସହରରେ ଗହଳି ବୃଦ୍ଧି ପାଇଛି । ମୁଖ୍ୟାଳୟ ହୋଇଥିବାରୁ ଜିଲାର କୋଣ ଅନୁକୋଣରୁ ପ୍ରତ୍ୟହ ହଜାର ହଜାର ଲୋକ ଏଠାକୁ ଆସୁଛନ୍ତି। ଷ୍ଟେସନବଜାର ଓ ବାଘଡ଼ାରୋଡ ରେଳ ଫାଟକ, ମୁର୍ଗାବାଡ଼ି, ଦାରଗାଡ଼ାହି, ତଖତପୁର ଓ ପାଲବଣିଠାରେ ଜାତୀୟରାଜପଥ ଅଣ୍ଡରପାସ ନିକଟରେ ସର୍ବାଧିକ ଟ୍ରାଫିକ ଜାମ୍ ପରିସ୍ଥିତି ଉପୁଜୁଛି। ସହରର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପାଇଁ ଲୋକଙ୍କୁ ନାକେଦମ ହେବାକୁ ପଡୁଛି। ରାସ୍ତା ପାର୍ଶ୍ୱ ଜବରଦଖଲ, ବେଆଇନ ପାର୍କିଂ ଉଚ୍ଛେଦ ସାଙ୍ଗକୁ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜରୁରୀ ହୋଇ ପଡ଼ିଛି।

ବାରିପଦା ପୌରପାଳିକା ଅଧୀନରେ ଥିବା ୨୮ଟି ୱାର୍ଡ଼ର ଜନସାଧାରଣ ସହର ଉପରେ ପ୍ରତ୍ୟହ ନିର୍ଭରଶୀଳ। ଏଣୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଯାନବାହାନ ଚଳାଚଳକୁ ଦୃଷ୍ଟିରେ ରଖି ସହରର ସମସ୍ତ ପ୍ରମୁଖ ସଡ଼କ ପ୍ରଶସ୍ତିକରଣ କାର୍ଯ୍ୟ ଶେଷ ହୋଇସାରିଛି। ଏକମାତ୍ର ଟ୍ରାଫିକ୍ ଥାନାର ନିଜସ୍ୱ ଗୃହ ନ ଥିବା ବେଳେ ଟାଉନ ଥାନାଧିକାରୀ ଅଛନ୍ତି ଦ୍ୱୈତ୍ୟ ଦାୟିତ୍ୱରେ। ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୃହରକ୍ଷୀଙ୍କ କାର୍ଯ୍ୟାଳୟ ପରିସରର ଏକ ଘରେ ଚାଲିଛି ଟ୍ରାଫିକ୍ ଫାଣ୍ଡି। ଜଣେ ଏଏସ୍‌ଆଇଙ୍କ ସମେତ ୪୦କର୍ମଚାରୀଙ୍କ ମଧ୍ୟରୁ ୧୨ ମହିଳା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସହର ମଧ୍ୟ ଦେଇ ୧୮ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ପୂର୍ତ୍ତ ବିଭାଗର ରହିଛି ୬ଟି ପ୍ରମୁଖ ସଡ଼କ । ପ୍ରତ୍ୟହ ୧୬ଟି ଟ୍ରାଫିକ୍ ପୋଷ୍ଟରେ କର୍ମଚାରୀ ମୁତୟନ ରହୁଥିବା ବେଳେ ସେଥି ମଧ୍ୟରୁ ୩ଟି ସ୍ଥାନରେ ଟ୍ରାଫିକ୍ ପୋଷ୍ଟ ନିର୍ମିତ ହୋଇଛି। ଅନ୍ୟ ସ୍ଥାନରେ ଖରା ବର୍ଷା ଓ ଶୀତରେ କର୍ମଚାର କାର୍ଯ୍ୟ କରୁଛନ୍ତି। କୌଣସି ସ୍ଥାନରେ ସିଗ୍‌ନାଲ ବ୍ୟବସ୍ଥା ନ ଥିବା ବେଳେ ସହରର ରାସ୍ତାରେ ଲାଇନିଂ ରଙ୍ଗ ଦିଆଯାଇ ନ ଥିବାରୁ ଗୋଟିକିଆ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କଷ୍ଟକର ହେଉଛି ବୋଲି ଜନୈକ ଅଧିକାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଗାଡ଼ି ନ ଥିବା ବେଳେ ଏକମାତ୍ର ପିସିଆର୍ ଭ୍ୟାନରେ କାର୍ଯ୍ୟ ଚାଲୁଛି। ୱାରଲେସ୍ କିମ୍ବା ୱାକିଟକି ନ ଥିବାରୁ ଭିଡ଼ ନିୟନ୍ତ୍ରଣ ପାଇଁ କର୍ମଚାରୀମାନେ ନିଜନିଜ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ଦୋକାନୀମାନେ ରାସ୍ତା ଉପରେ ପସରା ମେଲାଉଥିଲେ ହେଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ପରିବା ବେପାରୀ ଓ ଉଠାଦୋକାନୀ ନିର୍ଦ୍ଦିଷ୍ଟ ମାର୍କେଟରେ ଦୋକାନ ନ ଖୋଲି ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ବିକ୍ରିବଟା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେଉଛି ବୋଲି ବାରିପଦାବାସୀ ପାର୍ଥ ସାରଥି ଦାସ, କମଳାକାନ୍ତ ମହାନ୍ତ ପ୍ରକାଶ କରିଛନ୍ତି। ପୌରପାଳିକା ଓ ପୋଲିସ ବିଭାଗର ସମନ୍ୱୟ ଅଭାବ ପାଇଁ ଦିନକୁ ଦିନ ପରିସ୍ଥିତି ଉଦ୍‌ବେଗଜନକ ହେଉଛି । ତେବେ ସହରରେ ସ୍ୱୟଂଚାଳିତ ଟ୍ରାଫିକ ବ୍ୟବସ୍ଥା ଲାଗୁ କରିବା ସହିତ ସିସି କ୍ୟାମେରାରେ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ବାରିପଦା ମାର୍କେଟରେ ଟ୍ରାଫିକ ଜାମ୍ ଯୋଗୁ ଫସି ରହିଥିବା ଜନସାଧାରଣ।

# 'ଚିତ୍ର ଆଙ୍କିଲେ ମିଳେ ଆନନ୍ଦ'

କେନ୍ଦୁଝର, ୧୨।୧୦(ସ୍ୱ.ପ୍ର.)

କେନ୍ଦୁଝର ସହର ସାତସିଙ୍ଗା ସାହିରେ ରହୁଛନ୍ତି ମଣି ନାଏକ (୬୦)। ଏବେ ନିଆରା ଢଙ୍ଗରେ ଜୀବନ ଅତିବାହିତ କରୁଛନ୍ତି। ପିଲାଟି ଦିନରୁ କଷ୍ଟ କରି ଆସୁଥିବା ମଣି ଏବେ ଚିତ୍ରାଙ୍କନ କରି ଦିନ ଅତିବାହିତ କରୁଛନ୍ତି । ଜୀବନର ଦୁଃଖକୁ ଭୁଲି ଡ୍ରଇଁ ଖାତା ଓ କାଗଜରେ ପେନସିଲରେ ଚିତ୍ର ଆଙ୍କି ନିଜେ ଖୁସିରେ ରହିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଏଣୁ ଚିତ୍ର କଲେ ଆତ୍ମସନ୍ତୋଷ ମିଳେ ବୋଲି ସେ କହିଛନ୍ତି। ସେ ଆଦୌ ପାଠ ପଢିନାହାନ୍ତି କିମ୍ବା ଚିତ୍ର ଆଗରୁ କରିନାହାନ୍ତି। କୋଭିଡ କଟକଣା ସମୟରେ ଅର୍ଥାତ ଗତ ବର୍ଷେ ହେଲା ଘରେ ବସି ଚିତ୍ରାଙ୍କନ କରୁଛନ୍ତି। ବିଶେଷ କରି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ରାଙ୍କନ ତାଙ୍କର ଅଧିକ ପ୍ରିୟ। ଏହା ସମେତ ବିଭିନ୍ନ ପ୍ରକାରର ଚଢେଇ, ଫୁଲ, ଶିବଶଙ୍କର, ହନୁମାନ, ଗଛଲତା ଆଦି ଚିତ୍ର ଆଙ୍କିଥାନ୍ତି।

ପିଲା ସମୟରୁ ବହୁତ କଷ୍ଟରେ ମାଗିଯାଚି ଚଳି ବଡ ହୋଇଛନ୍ତି । ମାତ୍ର ୧୫ ବର୍ଷ ବୟସରେ ସେ ବିବାହ କରିଥିଲେ ହେଁ ଦୁଇ କନ୍ୟା ସନ୍ତାନ ଜନ୍ମ ହେବା ପରେ ତାଙ୍କ ସ୍ୱାମୀ ଛାଡି ଅନ୍ୟତ୍ର ପଳାଇଯାଇଥିଲେ। ଫଳରେ କୋମଳ ବୟସରେ ଦୁଇ କନ୍ୟା ସନ୍ତାନକୁ ନେଇ ବଞ୍ଚିବାର ସଂଗ୍ରାମ ଆରମ୍ଭ କରିଥିଲେ। ପର ଘରେ ବାସନ କୁସନ ମାଜି ଦୁଇ ଝିଅକୁ ଚଳାଇ ବଡ଼ କରିଥିଲେ। ବହୁ କଷ୍ଟରେ ଦୁଇ ଝିଅ ଙ୍କ ବିବାହ କରିବା ପରେ ଏବେ ଏକୁଟିଆ ଜୀବନ କାଟୁଛନ୍ତି। ଘର ନାହିଁ। ଏଣୁ ପର ଘରେ ରହି ଚଳିଆସୁଥିବା କୁହନ୍ତି । ଆଗରୁ ଗୋଟିଏ ଦିନରେ ୧୦ ଜଣଙ୍କ ଘରକୁ ଯାଇ ବାସନ ମାଜିବା ଠାରୁ ସବୁ କାମ କରୁଥିଲେ। ରାତି ଅଧରୁ ଲୋକଙ୍କ ଘରକୁ ଯାଇ କାମ ଆରମ୍ଭ କରିବାକୁ ପଡୁଥିଲା ସେଥିରୁ ଯାହା ମିଳୁଥିଲା ସେଥିରେ ଦୁଇ ଝିଅଙ୍କୁ ଧରି ଚଳୁଥିଲେ ବୋଲି ସେ କୁହନ୍ତି। ବୟସ ଅଧିକ ହେବାରୁ ଆଉ ସେଭଳି କାମ କରି ପାରିଲେ ନାହିଁ । କିନ୍ତୁ ଏବେ ସେ ଅନ୍ୟ ଜଣଙ୍କ ଘରେ କାମ କରି ଚଳୁଥିବା କହିଛନ୍ତି। ଭତ୍ତା ପାଉଛନ୍ତି, କିନ୍ତୁ ଜାଗା ଖଣ୍ଡେ ନ ଥିବାରୁ ଆବାସ ଯୋଜନାରେ ଘର ଖଣ୍ଡେ ପାଇ ପାରୁ ନ ଥିବାରୁ ଦୁଃଖ ପ୍ରକାଶ କରୁଛନ୍ତି। ଏଣୁ ଜିଲା ପ୍ରଶାସନ ନିକଟରେ ଘର ଖଣ୍ଡେ ପାଇଁ ନିବେଦନ କରିଛନ୍ତି।



ମଣି ନାଏକ।

# ଡ୍ରେନ୍ ସମସ୍ୟା ନେଇ ଆଲୋଚନା କଲେ ଉପଜିଲାପାଳ

ଖଇରା, ୧୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାର ତଥା ତତ୍‌ସଂଲଗ୍ନ ଗ୍ରାମଗୁଡିକରେ ଜଳ ନିଷ୍କାସନ ବ୍ୟବସ୍ଥାର ସମାଧାନ ପାଇଁ ସୋମବାର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ବଜାରବାସୀଙ୍କ ମଧ୍ୟରେ ଜଗତାନନ୍ଦ ମହାପାତ୍ର, ସନ୍ତୋଷ କୁମାର ବିଶ୍ୱାଳ, ମାନସ ମହାପାତ୍ର, କୁଶାସନ କର, ଜନ୍ମେଜୟ ଶତପଥୀ, ଧନଞ୍ଜୟ ପଣ୍ଡା ଓ ରତ୍ନାକର ବିଶ୍ୱାଳ ପ୍ରମୁଖ ସାମାନ୍ୟ ବର୍ଷାରେ ସୃଷ୍ଟି ହେଉଥିବା ବନ୍ୟା ସମ୍ପର୍କରେ ଉପଜିଲାପାଳଙ୍କୁ ଅବଗତ କରାଇଥିଲେ।

ସୋର-କୁପାରୀ ରାସ୍ତାକଡ ନାଳକୁ ଅନେକ ସ୍ଥାନରେ ଜବରଦଖଲ କରି ରଖାଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ପାରୁ ନ ଥିବା ଜଣାଇଥିଲେ। ଗତ ୟାସ୍ ବାତ୍ୟା ଓ ବନ୍ୟା ଶତାଧିକ ଦୋକାନୀଙ୍କ କୋଟି କୋଟି ଟଙ୍କାର ଜିନିଷ ନଷ୍ଟ ହେବା, ବହୁ ବ୍ୟକ୍ତିଙ୍କ ଘରେ ପାଣି ପଶିବା କାରଣରୁ ଦୁର୍ଦ୍ଦଶାରେ ରହିବା ସମ୍ପର୍କରେ ଆଲୋଚନା କରିଥିଲେ। ଉପଜିଲାପାଳ ସବୁ ଶୁଣି ଜଳ ନିଷ୍କାସନ ବ୍ୟବସ୍ଥାର ଗୁରୁତ୍ୱକୁ ଉପଲବ୍ଧି କରିବା ପରେ ବେଆଇନ ଜାଗା ଦଖଲ କରିଥିବା ବ୍ୟକ୍ତିଙ୍କ ନାମରେ ଜବରଦଖଲ ମାମଲା ରୁଜୁ କରିବାକୁ ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ହରିଶ ଚନ୍ଦ୍ର ଦ୍ୱାରୀ, କନିଷ୍ଠଯନ୍ତ୍ରୀ ନରେଶ ସିଂ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଡ୍ରେନେଜ ବିଭାଗ ଯନ୍ତ୍ରୀ କ୍ଷୀତିଶ ଚନ୍ଦ୍ର ସାହୁ ପ୍ରମୁଖ ବଜାରରେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ ସ୍ଥାନକୁ ବୁଲି ଦେଖିଥିଲେ।



ବଜାରବାସୀ ଉପଜିଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଉଛନ୍ତି।

# ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ

ଲଙ୍ଗଳେଶ୍ୱର, ୧୨।୧୦(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଚଉମୁଖ ପଞ୍ଚାୟତରେ ଯୁବ କଂଗ୍ରେସ ତରଫରୁ ସାଙ୍ଗଠନିକ ବୈଠକ ଏବଂ ୧୧ ଜଣିଆ ଯୁବ କମିଟି ଗଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରମଣିକାନ୍ତ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଯୁବ କଂଗ୍ରେସ ଉପସଭାପତି ବିଶ୍ୱଜିତ ପ୍ରଧାନ, ବସ୍ତା ନିର୍ବାଚନ ମଣ୍ଡଳୀର ସଭାପତି ହୃଷିକେଶ ପଣ୍ଡା ଉପସ୍ଥିତ ଅଛନ୍ତି। ବସ୍ତା ନିର୍ବାଚନ ମଣ୍ଡଳୀର ଯୁବକଂଗ୍ରେସ ସଭାପତି ହୃଷିକେଶ ପଣ୍ଡା, ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ନାରାୟଣ ଖଟୁଆ, ଯୁବନେତା ବେଣୁଧର ରଣଜିତ୍‌ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ହେଲେ।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

### ସପ୍ତାହେରେ ଗଲାଣି ୩ ଜୀବନ

ଜଲେଶ୍ୱର, ୧୨।୧୦(ଡି.ଏନ୍.ଏ.)

ସୁବର୍ଣ୍ଣରେଖାରେ ବନ୍ୟା ପରେ ଉତ୍ତର ବାଲେଶ୍ୱରରେ ବିଷଧର ସାପଗୁଡ଼ିକର ପ୍ରାଦୁର୍ଭାବ ବୃଦ୍ଧିପାଇଛି। ସପ୍ତାହକ ମଧ୍ୟରେ ସାପ କାମୁଡାରେ ଗଲାଣି ୩ଜଣ ଚାଷୀଙ୍କ ଜୀବନ। ଜଲେଶ୍ୱର ବ୍ଲକ ରାଇବଣିଆ ଥାନାର ତୋଟାପଡା ଗାଁର ଅମୂଲ୍ୟ ପ୍ରଧାନଙ୍କ ବଡପୁଅ ତପନେଶ୍ୱର(୩୦)ଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ତପନେଶ୍ୱର ଗତ ବୁଧବାର ବିଲରେ ବିରି ବୁଣୁଥିବା ବେଳେ ଏକ ବୋଡା ସାପ କାମୁଡି ଦେଇଥିଲା । ତାଙ୍କୁ ପ୍ରଥମେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ପଠାଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କୁ ସହାୟତା ଯୋଗାଇ ଦେବା ଲାଗି ଦାବି ହୋଇଛି। ଶବସତ୍କାର ବେଳେ ସରପଞ୍ଚ ସତ୍ୟଶୋଭନ ମିଶ୍ର, ସତ୍ୟରଞ୍ଜନ ଜେନା, ପୁଲିନ୍ ବେହେରା, ଗୋପାଳ ଚନ୍ଦ୍ର ସାହୁ, ଚିନ୍ତାମଣି ବେହେରା ଓ ସିଦ୍ଧେଶ୍ୱର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୬ ତାରିଖରେ ସାପ କାମୁଡାରେ ରାଇବଣିଆ ଥାନା ଅଞ୍ଚଳର ବସନ୍ତ ମୁର୍ମୁ, ୭ ତାରିଖରେ ଅଲାଳପୁର ଗ୍ରାମର ଚନ୍ଦନ ସିଙ୍କ୍ ମୃତ୍ୟୁ ହୋଇଛି।

# ବିଚ୍ଛିନ୍ନାଞ୍ଚଳରେ ଭାଷା ସମସ୍ୟା ସମାଧାନ ଦାବି

ବାରିପଦା ଅଫିସ,୧୨।୧୦

ଭାରତୀୟ ସମ୍ବିଧାନରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଥିବା ଓଡ଼ିଆ ଭାଷା ତଥା ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ନିମନ୍ତେ ଝାଡ଼ଖଣ୍ଡ ରାଜ୍ୟରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ମୟୂରଭଞ୍ଜ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଝାଡ଼ଖଣ୍ଡରେ ବିଚ୍ଛିନ୍ନାଞ୍ଚଳ ଭାବେ ରହିଥିବା ଓଡ଼ିଆ ଭାଷାଭାଷି ଷଢ଼େଇକଳା, ଖରସୁଆଁ, ପୂର୍ବସିଂଭୂମ ଓ ପଶ୍ଚିମସିଂଭୂମ ଅଧିବାସୀଙ୍କ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଜିଲାର ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ, ମୟୂରଭଞ୍ଜ ସାହିତ୍ୟ ପରିଷଦ, ପ୍ରତିଶ୍ରୁତି ପ୍ରତିଷ୍ଠାନ, ନନ୍ଦିଘୋଷ ସାହିତ୍ୟ ସମାଜ, ଆଦି ବହୁ ଅନୁଷ୍ଠାନ ପକ୍ଷରୁ ଭାଷା ଭିତ୍ତିକ ସଂଗ୍ରାମ ପାଇଁ ସଂକଳ୍ପବଦ୍ଧ ହୋଇ ଝାଡ଼ଖଣ୍ଡ ରାଜ୍ୟପାଳ, ଗଣଶିକ୍ଷା ବିଭାଗ, ମାନବ ଅଧିକାର ସୁରକ୍ଷା କମିଶନଙ୍କ ନିକଟକୁ ଦାବିପତ୍ର ପଠାଇଯାଇଛି। ଏଥି ସହିତ ଆମ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ବିଭାଗ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଇଂ.ବିଶ୍ୱେଶର ଟୁଡୁଙ୍କୁ ପ୍ରଦାନ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା, ପ୍ରତିଶ୍ରୁତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ପୀତାମ୍ବର ମଲ୍ଲିକ, ଗୋଲକ ଚନ୍ଦ୍ର ମହାନ୍ତି ଓ ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

# ମିଶନଶକ୍ତି ଗୃହନିର୍ମାଣ ସ୍ଥାନ ନିରୂପଣକୁ ବିରୋଧ

ସୋର, ୧୨।୧୦(ଡି.ଏନ୍.ଏ.)

ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତରେ ମିଶନଶକ୍ତି ଗୃହ ନିର୍ମାଣ ପାଇଁ ନିରୂପଣ ସ୍ଥାନକୁ ମହିଳା ମହାସଂଘ ତରଫରୁ ବିରୋଧ କରାଯାଇଛି। ଏନେଇ ସୋର ବିଡିଓ ସୁଶାନ୍ତ କୁମାର ବାରିକଙ୍କ ନିକଟରେ ଅଭିଯୋଗ ହୋଇଛି। ମହାସଂଘ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନଶକ୍ତି ଗୃହ ନିର୍ମାଣ ପାଇଁ ଦାବି କରାଯାଇଆସୁଛି। ପଞ୍ଚାୟତ ସମିତି ଅଧକ୍ଷା ଏବଂ ବିପିଏମ୍‌ଙ୍କଠାରେ ମଧ୍ୟ ଅଭିଯୋଗ କରାଯାଇଛି। ଉକ୍ତ ସଂଘ ପକ୍ଷରୁ ଅନୁପମା ବେହେରା, ସୁକାନ୍ତି ବେହେରା, ଆରତୀ ବେହେରା, ସରୋଜିନୀ ତ୍ରିପାଠୀ, ଜୟନ୍ତୀ ବେହେରା, ମାଳତୀ ମିଶ୍ର, ଅନ୍ନପୂର୍ଣ୍ଣା ତ୍ରିପାଠୀ, ମଞ୍ଜୁଲତା ବେହେରା, ଅନିତା ବେହେରା, ସଞ୍ଜନା ବେହେରା, ପୁଷ୍ପଲତା ବେହେରା, ସାବିତ୍ରୀ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି।

# ବୈଶିଙ୍ଗା-ଡାହିବାଡ଼ି ରାସ୍ତା ଶୋଚନୀୟ

### ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ

ବୈଶିଙ୍ଗା,୧୨।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପଞ୍ଚାୟତ ଅନ୍ତର୍ଗତ ମହାନ୍ତ ସାହି ଓ ଡାହିବାଡ଼ି ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ବୈଶିଙ୍ଗା-ରୂପ୍‌ସା ରାସ୍ତାରେ ଥିବା ଇଲେକ୍ଟ୍ରିକ ସେକ୍ସନ ଅଫିସ ସମ୍ମୁଖରୁ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ହୋଇ ୧୮ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ୧କି.ମି. ଦୂରତା ବିଶିଷ୍ଟ ଏହି ମାଟି ରାସ୍ତାଟିର ଅବସ୍ଥା କହିଲେ ନ ସରେ। ସ୍ଥାନେ ସ୍ଥାନେ ଖାଲ ଢ଼ିପରେ ରାସ୍ତାଟି ଭର୍ତ୍ତି। ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀଙ୍କ ଦାବି ପରେ ବୈଶିଙ୍ଗା ପଞ୍ଚାୟତର ସରପଞ୍ଚ ଇନ୍ଦ୍ରାବତୀ ମୁର୍ମୁ ରାସ୍ତାର ଉନ୍ନତିକରଣ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କେବଳ ମାଟି ପଡ଼ିଥିବା ବେଳେ ମୋରମ ବିଛା ଯାଇ ନାହିଁ। ଫଳରେ କାଦୁଅ ଯୋଗୁ ରାସ୍ତାଟି ଗମନାଗମନ ଉପଯୋଗୀ ହୋଇ ପାରି ନାହିଁ। ଜଳ ନିଷ୍କାସନ ନିମନ୍ତେ ଡ୍ରେନ ଖୋଳା ଯାଇ ନାହିଁ। ଜଳ ନିଷ୍କାସନ ନିମନ୍ତେ ସ୍ଥାନୀୟ ଲୋକେ ରାସ୍ତାକୁ ସମ୍ପୂର୍ଣ୍ଣ କାଟି ଦେବାକୁ ବାଧ ହେଉଛନ୍ତି। ଏହି ରାସ୍ତାରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ଯିବା ଅସମ୍ଭବ ହୋଇ ପଡ଼ିଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଥିଲେ ହେଁ ୩ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ଷା ଯୋଗୁ ମୋରମ ବିଛାଇବା କାର୍ଯ୍ୟ ହୋଇ ପାରିନାହିଁ କିମ୍ବା ଜଳ ନିଷ୍କାସନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରା ଯାଇ ପାରିନାହିଁ। ବର୍ଷା ଛାଡ଼ିଲା ପରେ ଅବଶିଷ୍ଟ ୧ଲକ୍ଷ ୨୦ହଜାର ଟଙ୍କାରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।

# 'ମୁଁ ବି ନେତା ହେବି'

କେନ୍ଦୁଝର,୧୨।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଜାତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭିଙ୍କ ପରାମର୍ଶ କ୍ରମେ ଦେଶ ସାରା ବାଛି ବାଛି ସମସ୍ତ ଯୁବକ ବନ୍ଧୁମାନଙ୍କୁ ଯୁବ କଂଗ୍ରେସରେ ସାମିଲ କରିବା ପାଇଁ ଚେଷ୍ଟା ଚାଲିଛି। ଏଥିରେ କେନ୍ଦୁଝର ଯୁବ କଂଗ୍ରେସ ଆଉ ପାଦେ ଆଗକୁ ଯାଇ ଏକ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରୋଗ୍ରାମ 'ମୁଁ ବି ନେତା ହେବି' ଜରିଆରେ କେନ୍ଦୁଝରର ଆଦିବାସୀ ଓ ପଛୁଆ ବର୍ଗର ଯୁବ ବନ୍ଧୁ ମାନଙ୍କୁ ଯୁବ କଂଗ୍ରେସରେ ଜଡିତ କରିବାର ଏକ ଅଭିନ ପ୍ରୟାସ ଆରମ୍ଭ କରିଛନ୍ତି। ଯୁବ କଂଗ୍ରେସ ଜିଲା ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଯୁବ କଂଗ୍ରେସ ସହ ପ୍ରଭାରୀ ଦେବବ୍ରତ ମହାନ୍ତି ପିଲାମାନଙ୍କ ସହ ସାକ୍ଷାତକାର କରି ରାହୁଲ ଗାନ୍ଧୀଙ୍କ ଭିଜନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ପରିଡା ଓ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂ ଛାତ୍ର ଓ ଯୁବ କଂଗ୍ରେସ ଉପରେ ନିଜର ଅଭିଭାଷଣ ଦେଇ ସଂଗଠନକୁ କିପରି ସୁଦୃଢ କରିହେବ ସେ ବିଷୟରେ ସଭାରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦେବବ୍ରତ ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ବସନ୍ତ କୁମାର ଦାସ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତା ସୁଢଳ କୁମାର ସେଠି, କୋଦଣ୍ଡଧର ଜେନା, ଆର୍ତ୍ତତ୍ରାଣ ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୫୦ ସାର୍ବଜନୀନ ମଣ୍ଡପରେ ପୂଜା ପାଉଛନ୍ତି ମା'

ବାଲେଶ୍ୱର ଅଫିସ, ୧୨।୧୦

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର ଶାରଦୀୟ ପୂଜା ପାଇଁ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ହୋଇଛି ଚଳଚଞ୍ଚଳ। ଧରାପୃଷ୍ଠକୁ ମା'ଙ୍କର ଆଗମନରେ ତତ୍ପର ହୋଇଉଠିଛନ୍ତି ଆବାଳବୃଦ୍ଧବନିତା। ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳର ପ୍ରତ୍ୟେକ ପୂଜା ମଣ୍ଡପରେ ଆରମ୍ଭ ହୋଇଛି ମା'ଙ୍କ ମହାସପ୍ତମୀ ପୂଜା। ରାଜ୍ୟ ସରକାରଙ୍କ ପକ୍ଷରୁ ଦୁର୍ଗାପୂଜାକୁ ନେଇ କଟକଣା ଜାରି ହୋଇଥିଲେ ବି ମା'ଙ୍କ ଆଶୀର୍ବାଦ ଲାଭ କରିବାକୁ ସମସ୍ତେ ଆଗଭର। ଘଣ୍ଟ, ଘଣ୍ଟା, ଶଙ୍ଖଧ୍ୱନି ସାଙ୍ଗକୁ ବ୍ରାହ୍ମଣଙ୍କ ମନ୍ତ୍ରୋଚାରଣ ସହ ଜଗତଜନନୀ ମା'ଙ୍କର ସ୍ତୁତିପାଠରେ ପରିବେଶ ହୋଇଛି ଭକ୍ତିମୟ। ମହାଷଷ୍ଠୀରେ ବେଲବରଣ ପରେ ମହାସପ୍ତମୀ ତିଥିରେ ଅନୁଷ୍ଠିତ ହୋଇଛି ମା'ଙ୍କର ଷୋଡ଼ଶ ଉପଚାର ପୂଜାନୀତି। ପ୍ରଶାସନର କଟକଣା ଯୋଗୁ ପୂଜା ମଣ୍ଡପଗୁଡ଼ିକରେ ନିରାଡ଼ମ୍ବର ଭାବେ ଉତ୍ସବ ପାଳନ ପାଇଁ ବ୍ୟବସ୍ଥା କରାଯାଇଛି।

ବାଲେଶ୍ୱର ଟାଉନ ଥାନା ଅଧୀନରେ ୨୪, ସହଦେବଖୁଣ୍ଟା ଥାନା ଅଧୀନରେ ୨୦, ଶିଳ୍ପାଞ୍ଚଳ ଥାନା ଅଧୀନରେ ୪ ଓ ସଦର ଥାନା ଅଧୀନରେ ୨ ସାର୍ବଜନୀନ ପୂଜା ମଣ୍ଡପ ଅନୁମତି ନେଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାବ୍ୟତୀତ ୧୦ରୁ ଊର୍ଦ୍ଧ୍ୱ ଘରୋଇ ପୂଜା ସହିତ ଗ୍ରାମାଞ୍ଚଳରେ ଶତାଧିକ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ହେଉଥିବା ଜଣାପଡ଼ିଛି। ପ୍ରଶାସନର କଟକଣାକୁ ମାନି ସଂଖ୍ୟାଧିକ ପୂଜାପଣ୍ଡପରେ ମୂର୍ତ୍ତିର ଉଚ୍ଚତା କମ୍ କରାଯାଇଛି।



ମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି।

### କଟକଣା କୋହଳ ଲାଗି ଉତ୍ସବମୁଖର

## ପୂଜା ପାଇଁ ଆନନ୍ଦପୁର ଚଳଚଞ୍ଚଳ

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ସହର ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଭିନ୍ନ କମିଟି ପକ୍ଷରୁ ପୂଜା କାର୍ଯ୍ୟ ଯଥାରୀତି ପାଳନ କରାଯାଉଛି। ଏହିକ୍ରମରେ ଆନନ୍ଦପୁର ବଡଦାଣ୍ଡଠାରେ ସାର୍ବଜନୀନ ଦୁର୍ଗାପୂଜା ପାଳନ ହେଉଛି। କଟକଣାକୁ ଆଧାରକରି ଆୟୋଜକ କମିଟି ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ଗ୍ରହଣ କରାଯାଇଛି। ସେହିପରି ଆନନ୍ଦପୁର ବଙ୍ଗାଳିସାହିରେ ଚାନ୍ଦୀର ମେଢ଼ ପ୍ରସ୍ତୁତି ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦୁର୍ଗାପୂଜା ଲାଗି ମନ୍ଦିରରେ ଭିଡ଼

ଯୋଡ଼ା,୧୨।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ମଙ୍ଗଳା ମନ୍ଦିରରେ ମା' ଦୁର୍ଗାଙ୍କର ପୂଜା ରୀତିନୀତିରେ ପାଳନ କରାଯାଉଛି। ମନ୍ଦିରର ମୁଖ୍ୟ ପୂଜକ ସ୍ମୃତିରଞ୍ଜନ ଦାସଙ୍କ ସୂଚନା ଅନୁଯାୟୀ, ମା'ଙ୍କ ନବରାତ୍ର ପୂଜା ଉପଲକ୍ଷେ ବିଭିନ୍ନ ବେଶ କରାଯାଉଛି। ନବରାତ୍ର ଆରମ୍ଭରୁ ପ୍ରତ୍ୟେକ ଦିନ ଭୋର୍ ୫ଟା ବେଳେ ମା'ଙ୍କ ମଙ୍ଗଳ ଆଳତୀ, ୫.୩୦ରେ ଦେବୀ ସ୍ନାନ, ୬ଟାରୁ ୮ଟା ମଧ୍ୟରେ ମା'ଙ୍କ ବେଶ, ୮ଟାରେ ଭୋଗ ପରେ ଆଳତୀ ଉଠାଯାଏ। ୯ଟା ୩୦ମିରେ ପ୍ରତ୍ୟହ ସୂର୍ଯ୍ୟ ପୂଜା ଓ ତିଥିନକ୍ଷତ୍ରକୁ ଅନୁଧାନ କରି ବାହ୍ୟାଦି କର୍ମ ଓ ଚଣ୍ଡୀପାଠ ସହିତ ଷୋଡ଼ଷ ଉପଚାର ପୂଜା କରାଯାଇଥାଏ। ଅପରାହ୍ନ ୨ଟା ୩୦ରେ ମା'ଙ୍କ ନୀତିଭୋଗ ଲାଗିବା ପରେ ନୀତି ଆଳତୀ କରାଯାଏ। ନବମୀ ସନ୍ଧ୍ୟା ୫ଟା ୧୫ ମିନିଟରେ ପୂର୍ଣ୍ଣାହୂତି ହେବ ବୋଲି ମୁଖ୍ୟ ପୂଜକ ଦାସ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। କୋଭିଡ୍ କଟକଣା ହେତୁ ଯୋଡ଼ାରେ ମୃଣ୍ମୟୀ ମୂର୍ତ୍ତି ପେଣ୍ଡାଲ ଗୁଡ଼ିକ ଜନଶୂନ୍ୟ ରହୁଥିବାରୁ ପୀଠ ଓ ମନ୍ଦିରରେ ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି। ଦୁର୍ଗା ଅଷ୍ଟମୀ ପୁଷ୍ପାଞ୍ଜଳି ଓ ନବରାତ୍ର ବ୍ରତଧାରୀମାନେ ମନ୍ଦିରରେ ବ୍ରତ ପାଳନ କରୁଛନ୍ତି। ଏଣୁ ଯୋଡ଼ା ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ସାମାଜିକ ଦୂରତା ଏବଂ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଇଛି।

### ମାଳତୀରାରେ ଶାରଦୀୟ ଦୁର୍ଗା ପୂଜା

ବନ୍ତ,୧୨।୧୦(ଡି.ଏନ୍.ଏ.) : କରୋନା କଟକଣା ମଧ୍ୟରେ ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡା ପଞ୍ଚାୟତ ମାଳତୀରା ଦେବୀସାହି ଠାରେ ଶାରଦୀୟ ଦୁର୍ଗା ପୂଜା ଆରମ୍ଭ ହୋଇଛି । ନେପାଳ ଦାସ, ସୁବାଷ ଦାସ, କାହ୍ନୁ ଚରଣ ରାମଙ୍କ ଦ୍ୱାରା ଗୋପାଳ ପୋଖରୀରୁ କଳସ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ବୁଧବାର ମହାଷ୍ଟମୀ ଓ ସନ୍ଧି ପୂଜା, ପ୍ରସାଦ ସେବନ, ଗୁରୁବାର ମହାନବମୀ ପୂଜା, ଶୁକ୍ରବାର ଦଶହରା ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂଜକ ଭାବେ ଭାସ୍କର ଚନ୍ଦ୍ର ଶତପଥି, ଶଶୀକାନ୍ତ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି । କମିଟିର ସଭାପତି ନାରାୟଣ ଚନ୍ଦ୍ର ସାହୁ, ଉପସଭାପତି ନରହରି ଜେନା, ସମ୍ପାଦକ ସୁଧାଂଶୁ ଶେଖର ମହାନ୍ତି, ସହ ସମ୍ପାଦକ ରମାକାନ୍ତ ଜେନା, କୋଷାଧ୍ୟକ୍ଷ ଅକ୍ଷୟ ଅନନ୍ତ କର, ଉପଦେଷ୍ଟା ରଘୁନାଥ ରଣା, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କାହ୍ନୁ ଚରଣ ରାମୁଙ୍କ ସମେତ ମାଳତୀରା ଗ୍ରାମବାସୀ ସହାୟତା କରୁଛନ୍ତି । ରବିବାର ଭସାଣୀ ଉତ୍ସବ ହେବ । ସେହିପରି ବସନ୍ତିଆ, ଓଡଙ୍ଗ, ପାରାବନ୍ଧ, ତରାଗୋ, ସାବିତ୍ରୀଆଡି, ତୋଡଗାଁ, ରାମକୃଷ୍ଣପୁର ଆଦି ସ୍ଥାନରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି।

### ଦାୟିତ୍ୱ ନେଲେ ନୂଆ ଉପ ଜିଲାପାଳ

ରାଇରଙ୍ଗପୁର,୧୨।୧୦(ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଉପ ଜିଲାପାଳ ଭାବେ ସରୋଜ କୁମାର ଦାସ ସୋମବାର ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଗଞ୍ଜାମ ଜିଲା ଛତ୍ରପୁରଠାରେ ଅତିରିକ୍ତ ଉପ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ରାଇରଙ୍ଗପୁର ସହକାରୀ ଉପ ଜିଲାପାଳ ଧର୍ମେନ୍ଦ୍ର ଶତପଥୀଙ୍କ ସମେତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ନୂଆ ଉପ ଜିଲାପାଳଙ୍କୁ ସବ୍‌ଡିଭିଜନ ଅଧୀନ ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାର ଏବଂ ରାଇରଙ୍ଗପୁର ପୌରପରିଷଦ ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଇରଙ୍ଗପୁର ବାସୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ଉପ ଜିଲାପାଳ ଦାସ ପ୍ରକାଶ କରିଛନ୍ତି।



### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ

ଆରଡ଼ି, ୧୨।୧୦ ( ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତର ସାହୁସାହିଠାରେ ସାମାଜିକ କର୍ମୀ ସ୍ୱର୍ଗତ କଳ୍ପତରୁ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ରବୀନ୍ଦ୍ର ବେହୁରିଆଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ ଆଡ୍‌ଭୋକେଟ ଦେବାଶିଷ ସାମଲ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସମିତି ସଭ୍ୟ ରମେଶ ଚନ୍ଦ୍ର ବେହେରା, ଶିକ୍ଷକ ଅଜୟ ସାହୁ, ହିମାଂଶୁ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାମଲଙ୍କ ପୁଅ ଭକ୍ତବନ୍ଧୁ ସାମଲ, ଜ୍ୱାଇଁ ମନୋଜ ବସନ୍ତରାୟ, ଶଶିଭୂଷଣ ନାୟକ, ସତ୍ୟନାରାୟଣ ରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜୁଲାଇ ୨୯ରେ ପୂର୍ଣ୍ଣାଙ୍ଗ ରିପୋର୍ଟ

## ସର୍ବଭାରତୀୟ ବ୍ୟାଘ୍ର ଗଣନାର ତାଲିମ କାର୍ଯ୍ୟକ୍ରମ

ବାରିପଦା ଅଫିସ,୧୨।୧୦

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍ ଜଗଜୟାନନ୍ଦଙ୍କ ପୌରହିତ୍ୟରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଙ୍କଳ୍ପ ସଭାଗୃହରେ ସର୍ବଭାରତୀୟ ବ୍ୟାଘ୍ର ଗଣନା(ଆକଳନ) ୫ମ ଚକ୍ରର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ସର୍କଲର ସମସ୍ତ ବନଖଣ୍ଡ ଅଧିକାରୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ, ଅତିରିକ୍ତ ବନସଂରକ୍ଷକ ଓ ରେଞ୍ଜରମାନେ ଯୋଗ ଦେଇଥିଲେ। ଏମ୍-ଷ୍ଟାୟିପ୍ସ ଇକୋଲଜିକାଲ୍ ମୋବାଇଲ ଆପ ବ୍ୟବହାର ପୂର୍ବକ ଗଣନା ବା ଆକଳନ କରାଯିବ। ଏହି ଆପ୍ ଦ୍ୱାରା ସହଜ ତଥ୍ୟ ସଂଗ୍ରହ, ଡାଟା ଏଣ୍ଟ୍ରି ଜନିତ ତ୍ରୁଟି ଦୂର କରି ଡାଟାର ସ୍ୱଚ୍ଛତା କିପରି ବଜାୟ ରଖାଯାଇପାରିବ ସେ ନେଇ ସମସ୍ତଙ୍କୁ ତାଲିମ ପ୍ରଦାନ କରାଯାଇଛି।

ସମସ୍ତେ ନିଜନିଜ ବିଭାଗରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଏହି ଗଣନା କାର୍ଯ୍ୟକ୍ରମର ନେତୃତ୍ୱ ନେବେ ଓ କ୍ଷେତ୍ର କର୍ମଚାରୀଙ୍କୁ ଗଣନା ସମ୍ପର୍କରେ ସେମାନେ ତାଲିମ ପ୍ରଦାନ କରିବେ । ସର୍ବଭାରତୀୟ ବ୍ୟାଘ୍ର ଗଣନା(ଆକଳନ) କାର୍ଯ୍ୟକ୍ରମ ୨୦୦୬ରୁ ଆରମ୍ଭ ହୋଇଥିବା ବେଳେ ଏହା ପ୍ରତି ୪ବର୍ଷକୁ ଚକ୍ର ହିସାବରେ ନିଆଯାଇ ପରିଚାଳିତ ହେଉଛି। ୨୦୨୨ ଜାନୁଆରୀ ମାସରେ ପଞ୍ଚମ ଚକ୍ର ଗଣନା ବା ଆକଳନ କାର୍ଯ୍ୟକ୍ରମ ଶେଷ ହେବ । ଏନେଇ ଦେଶରେ ଆସନ୍ତା ନଭେମ୍ବର ଓ ଡିସେମ୍ବରରେ ସର୍ବେକ୍ଷଣ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରହିଛି। ସମସ୍ତ ସର୍ଭେ ତଥ୍ୟ ମିଶାଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନଟିସିଏ) ଦ୍ୱାରା ୨୦୨୨ ଜୁଲାଇ ୨୯ ତାରିଖ ଗ୍ଲୋବାଲ ଟାଇଗର ଦିବସରେ ଗଣନାର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରକାଶ ପାଇବ ବୋଲି ଜଗଜୟାନନ୍ଦ ପ୍ରକାଶ କରିଛନ୍ତି।



ବ୍ୟାଘ୍ର ଗଣନା ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

# 'ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯାଉ'

## ସରପଞ୍ଚଙ୍କୁ ଆକ୍ରମଣ ଘଟଣା

ଭଦ୍ରକ ଅଫିସ, ୧୨।୧୦

ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ଖପରପଦା ପଞ୍ଚାୟତର ଯୁବ ସରପଞ୍ଚ ଗୟାଧର ନାୟକଙ୍କୁ ଆକ୍ରମଣ ହେବାର ୪ ଦିନ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କୁ ଧୂଷୁରୀ ପୋଲିସ ଗିରଫ କରିପାରିନାହିଁ। ଅଭିଯୁକ୍ତ ମାନଙ୍କ ଗିରଫ ଦାବିରେ ଭାଜପା ନେତା ଅଶୋକ ପୁହାଣଙ୍କ ସଭାପତିତ୍ୱରେ ଶହୀଦନଗର ବଜାର ଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ବିରୋଧି ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇ କହିଥିଲେ ଯେ, ଖପରପଦା ସରପଞ୍ଚଙ୍କ ଆକ୍ରମଣକାରୀ ଗିରଫ ନ ହେବା ପ୍ରଶାସନିକ ଅପାରଗତାକୁ ଦର୍ଶାଉଛି । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ଚର୍ତୁଭୁଜ ନାୟକ, ଜିଲା ମିଡ଼ିଆ ସେଲର ସଂଯୋଜକ ବୈକୁଣ୍ଠନାଥ ସାହୁ, ଅସୁରାଳି ଜିଲା ପରିଷଦ ସଭ୍ୟା ଉମାମଣୀ ସାହୁ, ଧୂଷୁରୀ ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ଦୋବଲ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ଭାଜପା ନେତା ଅଜୟ ବଳ ପ୍ରମୁଖ ଯୋଗ ଦେଇ ବିଜେଡି ସରକାର ଯେଉଁ ଗୁଣ୍ଡାରାଜ ଚଳାଇଛି ତାହା ବରଦାସ୍ତ କରାଯିବ ନାହିଁ ବୋଲି କଟୁ ସମାଲୋଚନା କରିଥିଲେ। ତୁରନ୍ତ ଗିରଫ କରା ନ ଗଲେ ଭାଜପା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ।

# ଦାସାଇଁ ନାଚରେ ମସଗୁଲ୍ ଆଦିବାସୀ



ଆଦିବାସୀମାନେ ମାଜଣା ସହ ଦାସାଇଁ ନୃତ୍ୟ କରୁଛନ୍ତି।

ଢେଙ୍କିକୋଟ, ୧୨।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପ ଓ ଟିଙ୍କିରା ସ୍ଥିତ ଦୁର୍ଗା ମଣ୍ଡପରେ ଯାକଜମକରେ ହେଉଅଛି। ଏହି ମଣ୍ଡପକୁ ଆଖପାଖ ୧୫ ଖଣ୍ଡ ପଞ୍ଚାୟତର ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ଦଶମୀରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମାତ୍ର ଚଳିତ ବର୍ଷ ମଧ୍ୟ କୋଭିଡ କଟକଣାରେ ପୂଜା କରାଯାଉଛି। ଏହି ଅବସରରେ ଗ୍ରାମାଞ୍ଚଳ ଆଦିବାସୀ ପିଲାମାନେ ଗ୍ରାମର ଆଖଡାଶାଳରେ ଦୀର୍ଘ ଏକମାସ ଧରି ଦାସାଇଁ ନାଚ ପାଇଁ ପ୍ରସ୍ତୁତ ହୋଇଥାନ୍ତି। ପୂଜାର ଦଶ ଦିନ ପୂର୍ବରୁ ଆଖଡାରୁ ବାହାରି, ଗାଁ, ସାହି ବସ୍ତି, ଓ ବଜାର ବୁଲି ନାଚ କରି ମାଜଣା କରିଥାନ୍ତି। ସେଥିରୁ ମିଳିଥିବା ଅର୍ଥ ରାଶିରେ ଗ୍ରାମରେ ଥିବା ମା ଦୁର୍ଗାଙ୍କୁ ସେମାନେ ନିଷ୍ଠାର ସହ ପୂଜା ପାଠ କରିଥାନ୍ତି ଏବଂ ଗ୍ରାମବାସୀଙ୍କ ସହ ମିଶି ବଣ ଭୋଜି କରି ଆନନ୍ଦିତ ହୋଇଥାନ୍ତି। ଏହା ଗ୍ରାମାଞ୍ଚଳ ଆଦିବାସୀ ସମ୍ପ୍ରଦାୟର ଏକ ପରମ୍ପରା ବୋଲି ହରିଚନ୍ଦନପୁର ବ୍ଲକ ଟାଙ୍ଗୀରିଆପାଳ ଗ୍ରାମ ମହାବୀରା ଡ଼ମ୍ବୁରୁ ସାହିର ପିଲାମାନେ ଢେଙ୍କିକୋଟ ବଜାରରେ ଦାସାଇଁ ନାଚ କରୁଥିବା ବେଳେ ପ୍ରକାଶ କରିଛନ୍ତି।

# ବାଲି,ପଥର ବୋଝେଇ ୪ ଗାଡ଼ି ଜବତ

ସାରସକଣା,୧୨।୧୦(ଡି.ଏନ.ଏ.)

ଚୋରା ବାଲି ଓ ପଥର ବୋଝେଇ ୪ ଗାଡ଼ିକୁ ମୟୂରଭଞ୍ଜ ଜିଲା ସାରସକଣା ତହସିଲ କର୍ତ୍ତୃପକ୍ଷ ଏବଂ ଜିଲା ମାଇନିଂ ଅଧିକାରୀ ଜବତ କରିଛନ୍ତି। ମଙ୍ଗଳବାର ଭୋର ସମୟରେ ସାରସକଣା ତହସିଲ ଅଧୀନ ଶୀର୍ଷା ଓ ରାଜଲୋକା ରାଜସ୍ୱ ବିଭାଗ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ସେଠାରୁ ଫେରୁଥିବା ସମୟରେ ରାସ୍ତାରେ ଆଉ ଏକ ଟ୍ରାକ୍ଟରକୁ ଧରି ରାଜଲୋକା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ ୩ଟି ଟ୍ରାକ୍ଟରଠାରୁ ମୋଟ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ସେହିପରି ସୋମବାର ରାତିରେ ଜିଲା ମାଇନିଂ ଅଧିକାରୀ ସୁରେନ୍ଦ୍ର ନାଥ ସିଂପୁ ଏବଂ ଖାରପୋଖରିଆ ପୋଲିସ ଚଢ଼ାଉ କରି ଏକ ଧଳା ପଥର ବୋଝେଇ ଟ୍ରକ୍ ଜବତ କରିଛନ୍ତି। ସାରସକଣା ଅଞ୍ଚଳର କଳାପାଣି ନିକଟରୁ ବେଆଇନ ଧଳା ପଥର ବୋଝେଇ କରି ଟ୍ରକ୍‌ଟି ବମ୍ଭେଛକ ଦିଗରେ ଆସୁଥିଲା ବେଳେ କାଇରାକୋଚା ନିକଟରେ ଧରାପଡ଼ିଥିଲା। ଏନେଇ ଖାରପୋଖରିଆ ଥାନାରେ ଏକ ମାମଲା(ନଂ.୨୨୦/୨୧) ରୁଜୁ ହୋଇଛି। ଟ୍ରକ୍ ଡ୍ରାଇଭର ଝାଡ଼ଖଣ୍ଡ ରାଜ୍ୟ ଇରଗୁଡ଼ା ଅଞ୍ଚଳର ମଣ୍ଟୁ ଗୋପଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ଉତ୍ସବମୁଖର ୨ ଓଳଗ



ବଡ ଓଳଗରେ ମା' ଦୁର୍ଗା।



ସାନ ଓଳଗରେ ମା' ଦୁର୍ଗା

ଆରଡ଼ି, ୧୨।୧୦(ଡି.ଏନ.ଏ.)

ପାର୍ବଣର ପରମ୍ପରାକୁ ପୁରୁଷ ପୁରୁଷ ଧରି ବଜାୟ ରଖିଥିବା ଏହି ଗାଁ ହେଉଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଓଳଗ ଜନପଦ। ଏଠାରେ ଯେଉଁ ପାରମ୍ପରିକ ନିଆରା ଦୁର୍ଗାପୂଜା ସଂଗଠିତ ହୁଏ। ଏଠାରେ ବାସ କରୁଥିବା କ୍ଷତ୍ରିୟ ବଂଶର ୨ ଗୋଷ୍ଠୀ ନିଜ ଜନପଦକୁ ବଡଓଳଗ ଓ ସାନ ଓଳଗ ଭାବରେ ନାମିତ କରିଥିବା କୁହାଯାଏ। ଏହି ୨ ଗ୍ରାମରେ ସ୍ୱତନ୍ତ୍ର ଶୈଳୀରେ ଦୁର୍ଗାପୂଜା ପାଳିତ ହେଉଛି। ବଡ଼ଓଳଗର ବଡଭାଇ ଗୋଷ୍ଠୀ (ମହାପାତ୍ର) ର ବଂଶଜ ମାନେ କଳସକୁ ମା' ଦୁର୍ଗାଙ୍କ ମୂର୍ତ୍ତି ମାନି ମଣ୍ଡପରେ ସ୍ଥାପନ କରି ପୂଜା କରୁଛନ୍ତି। ଏକ ପିତ୍ତଳ କଳସରେ ସ୍ୱର୍ଣ୍ଣ ଓ ରୌପ୍ୟ ଚକ୍ଷୁ, ନାସିକା, କର୍ଣ୍ଣ, ଅଧର ରୋପଣ କରି ସେମାନେ ମା'ଙ୍କୁ ଆରାଧନା କରୁଛନ୍ତି। ସେହିପରି ସାନଓଳଗର ସାନଭାଇ ଗୋଷ୍ଠୀ (ସୁନ୍ଦରରାୟ)ମହଣ ପତ୍ରକୁ ଦେବୀଦୁର୍ଗା ବୋଲି ମାନ୍ୟତା ଦେଇ ପୂଜା କରୁଛନ୍ତି। ସେମାନେ ଏହି ପତ୍ରରେ ପୂର୍ବେ ରୌପ୍ୟ ଓ ସ୍ୱର୍ଣ୍ଣରେ ନିର୍ମିତ ଚକ୍ଷୁ, ଅଧର, ନାସିକା କର୍ଣ୍ଣ ଆଦି ରୋପଣ କରି ପୂଜାର୍ଚ୍ଚନା ଜାରି ରଖିଛନ୍ତି। ହେଲେ ୪ ବର୍ଷ ହେଲା ଏଠାରେ ମା'ଙ୍କର ମୁଖମଣ୍ଡଳ ସହ ଶରୀରର ଏକ ଖୋଳପା ମହଣ ପତ୍ର ଉପରେ ରଖାଯାଇ ଆରାଧନା କରାଯାଉଛି । ପବିତ୍ର ଷଷ୍ଠୀ ତିଥି ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଉଭୟ ଜନପଦରେ ମା' ଦୁର୍ଗାଙ୍କୁ ଆବାହନ କରାଯାଇ ପୂଜାରମ୍ଭ କରାଯାଇଛି। ୨ ଜନପଦର ଜଣେ ଜଣେ ବ୍ୟକ୍ତି ପ୍ରଥମେ ପୁଣ୍ୟତୋୟା ବୈତରଣୀରେ ଘଟ ଉତ୍ତୋଳନ କରିଛନ୍ତି। ପୂଜା ମଣ୍ଡପରେ ପବିତ୍ର ଘଟକୁ ସ୍ଥାପନ କରାଯାଇଛି । ବିଧିପୂର୍ବକ ଏହି କ୍ଷତ୍ରୀୟ ବଂଶଜର ଦାୟାଦ ମାନେ ନିଜନିଜ ଘରେ ଥିବା ବାଡି, ଖଣ୍ଡା , ଧନୁ, ଶର, ତୋଟା ଆଦି ହାତ ହତିଆରକୁ ପୂଜା ମଣ୍ଡପରେ ଅବସ୍ଥାପନ କରିଛନ୍ତି। ବୁଧବାର ପବିତ୍ର ମହାଷ୍ଟମୀରେ ପୂଜା ମଣ୍ଡପରେ ସକାଳ ଠାରୁ ରାତିର ଅନ୍ତିମ ପ୍ରହର ଯାଏ ଚଣ୍ଡିପାଠ ସହ ଘୃତାହୁତି ପ୍ରଦାନ କରାଯିବ । ଗ୍ରାମର ସମସ୍ତ ପରିବାରର ସଦସ୍ୟମାନେ ଉପବାସ ରହିବେ ।

# ବନ୍ଦର, ପେଟ୍ରୋ କେମିକାଲ ବିରୋଧରେ ତେଜିଲା ଆନ୍ଦୋଳନ



ସ୍ଥାନୀୟ ଲୋକେ ବିରୋଧ କରି ଆନ୍ଦୋଳନ କରୁଛନ୍ତି।

ବାଲିଆପାଳ, ୧୨।୧୦(ସ୍ୱ.ପ୍ର.)

କିଛି ଦିନ ବ୍ୟବଧାନ ପରେ ପୁଣି ତେଜିଛି ବନ୍ଦର ଓ ପେଟ୍ରୋକେମିକାଲ ବିରୋଧୀ ଆନ୍ଦୋଳନ। ବାଲିଆପାଳ ବ୍ଲକ ଅଧୀନ ଅଳାଡ଼ିହା ପଞ୍ଚାୟତର ଗଣ୍ଡଦଳା ବାଲିବିଲ ଗ୍ରାମରେ ସୋମବାର ସନ୍ଧ୍ୟାରେ ଦେବ ରଞ୍ଜିତଙ୍କ ନେତୃତ୍ୱରେ ଦକ୍ଷିଣ ବାଲିଆପାଳର ଉପକୂଳବର୍ତ୍ତୀ ବିଭିନ୍ନ ଅଞ୍ଚଳର ବହୁ ଲୋକ ଏକାଠି ହୋଇ ବନ୍ଦରକୁ ବିରୋଧ କରିଥିଲେ। ଦିବାକର ଦଲାଇ, ବିନୋଦ ଦେହୁରୀ, ଜଗବନ୍ଧୁ ଜେନା, ପ୍ରଶାନ୍ତ ଜେନା, ମନୋଜ ଜେନା, ହାଡିବନ୍ଧୁ ବେହୁରୀ, କଲ୍ୟାଣୀ ମଣ୍ଡଳ, ବାବୁ ମଣ୍ଡଳ, ବାପୁନ ଦେ, ନିରଞ୍ଜନ ଦେହୁରୀଙ୍କ ସହିତ ଉପସ୍ଥିତ ଶତାଧିକ ଗ୍ରାମବାସୀ ଆନ୍ଦୋଳନରେ ଯୋଗଦେଇ ଚାଷ କରି ଜୀବନ ନିର୍ବାହ କରୁଥିବା ଭିଟାମାଟିକୁ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନ ଛାଡ଼ିବାକୁ ବଜ୍ର ଶପଥ ନେଇଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବାର ଚେତାବନୀ ଦିଆଯାଇଛି।

# ତାଲିମ ନେଲେ ୩୧ ଉଦ୍ୟୋଗୀ

ସିମୁଳିଆ,୧୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ପରିସରରେ ଗତ ୨୭ରୁ ଆରମ୍ଭ ହୋଇଥିବା 'ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ' ରବିବାର ଶେଷ ହୋଇଛି। ବିଭିନ୍ନ ବିଭାଗରେ ୩୧ଜଣ ଆଶାୟୀ ଉଦ୍ୟୋଗୀ ଏଥିରେ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ବିଭିନ୍ନ ଉଦ୍ୟୋଗ ପାଇଁ ଉଦ୍ୟୋଗୀମାନଙ୍କୁ ବିଜନେସ ପ୍ଲାନ, ଆଚାର ବ୍ୟବହାର, ବ୍ୟବସାୟ ପରିଚାଳନା, ବ୍ୟାଙ୍କ ସହିତ ସମ୍ପର୍କ, ଟିକସ ପରିଶୋଧ ଇତ୍ୟାଦି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ତାଲିମ ଦେଇଥିଲେ। ସିମୁଳିଆ ଶିଳ୍ପ ବିକାଶ ଅଧିକାରୀ ପୂର୍ଣ୍ଣେନ୍ଦୁ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର ଜିଲା ଶିଳ୍ପ କେନ୍ଦ୍ରର ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ସୋନାରାମ ସିଂ, ଶିଳ୍ପ ଅଧିକାରୀ ଇଂ. ସମୀର କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

# ମୟୂର ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବେତନଟୀ,୧୨।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ସ୍ଥିତ ମୟୂର ସାହିତ୍ୟ ସଂସଦର ଷଡ଼ବିଂଶତିମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କବିତା ଆସର ଓ ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ପୁସ୍ତକ ଉନ୍ମୋଚନ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଂସଦର ଉପସଭାପତି କବୟିତ୍ରୀ ସୀମାଦାସ ଖଟୁଆ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ବୈଠକରେ ଶତଦଳ ଶିଶୁ ସାହିତ୍ୟ ସଂଗଠନର ସଭାପତି ଭାସ୍କର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନୀଳପ୍ରଭାର ସମ୍ପାଦକ ଗଙ୍ଗାଧର ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ, ସଂସଦର ପୂର୍ବତନ ସଭାପତି ରାଧାମୋହନ ବେହେରା ମଞ୍ଚାସୀନ ଥିଲେ। କବିତା ସଂଯୋଜନା କରିଥିଲେ କବି ପ୍ରିୟନାଥ ପାଣି। ଦୀପକ ମିଶ୍ରଙ୍କ ନିର୍ଦ୍ଦେଶନାରେ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା। ଜଗନ୍ନାଥ ତତ୍ତ୍ୱବିତ୍ ଜୟନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ବନମୟୂରୀର ସମ୍ପାଦକ ନୀରଦ ସୁନ୍ଦର ଜେନା ଅତିଥି ପରିଚୟ ପ୍ରଦାନ ଓ ମୟୂର ସାହିତ୍ୟ ସଂସଦର ସଭାପତି ଯତୀନ୍ଦ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳିପଦ ପଣ୍ଡା, ସମ୍ମାନିତ ଅତିଥି ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, କବି ଡ. ନୀଳକଣ୍ଠ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର 'ବନମୟୂରୀ' ଏବଂ ଡ. ମନ୍ଦାକିନୀ ସାହୁଙ୍କ ଶିଶୁ କିଶୋର ପୁସ୍ତକ 'ଭଳି କିଭଳି' ଉନ୍ମୋଚନ ହୋଇଥିଲା। ଡ. ଅସୀମା ସାହୁ ,ସୁଶାନ୍ତି ପ୍ରଧାନ ,ତୀର୍ଥେଶ ଚନ୍ଦ୍ର ରାୟ ମହାଶୟ ,ସନ୍ତୋଷ କୁମାର ଖଣ୍ଡା, ବଂଶୀଧର ମହାନ୍ତିଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ପାର୍ବଣ ପାଇଁ ଔପଦା ଉତ୍ସବମୁଖର

ଔପଦା, ୧୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ପୁରପଲ୍ଲୀ ପାର୍ବଣ ପାଇଁ ବେଶ୍ ଉତ୍ସବମୁଖର ହୋଇଉଠିଛି। କରୋନାକୁ ନଜରରେ ରଖି ପୂଜାକୁ ନିରାଡ଼ମ୍ବର ଓ ଗହଳିଶୂନ୍ୟ କରିବାକୁ ବିଭିନ୍ନ ସ୍ଥାନରେ ସଚେତନତା କରାଯାଉଛି। ମା'ଙ୍କର ଆରାଧନା ମହାସପ୍ତମୀ ପୂଜା ଯଥାବିଧି ଆରମ୍ଭ ହୋଇଥିବା ବେଳେ ଔପଦା ବ୍ଲକ ସଦର ଔପଦା ବଜାରରେ ସାର୍ବଜନୀନ ଦୁର୍ଗାପୂଜା ପାରମ୍ପରିକ ଭାବେ ଆଡ଼ମ୍ବରଶୂନ୍ୟ ହୋଇଛି। ନରମା, ତଳକିଆ, ଦୁକଣ୍ଡଖଇରା ଆଦି ଗ୍ରାମରେ ମା'ଙ୍କର ପୂଜାର୍ଚ୍ଚନା ପାରମ୍ପରିକ ଭାବେ କରାଯାଉଛି। ଫତେପୁର ପଞ୍ଚାୟତ ହରିଚନ୍ଦନପୁରଠାରେ ଶତାଧିକ ବର୍ଷ ଧରି ପାରମ୍ପରିକ ପୂଜାର୍ଚ୍ଚନା ନିଆରା ଢ଼ଙ୍ଗରେ ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷରେ ବଡ଼ପୋଖରୀ ପଞ୍ଚାୟତ ବଡ଼ପୋଖରୀଠାରେ ପୂଜା କମିଟି ତରଫରୁ ମା'ଙ୍କ ଆରାଧନା ଚାଲିଛି। ଜନଗହଳି ପ୍ରତି ସତର୍କ ଦୃଷ୍ଟି ରଖି ପ୍ରଶାସନ ତରଫରୁ ଆଗକୁ ପଦକ୍ଷେପ ଗ୍ରହଣ ସ୍ୱରୂପ ପୂଜାମଣ୍ଡପରେ ସାର୍ବଜନୀନ ଭୋଗଲାଗିକୁ ବନ୍ଦ କରାଯାଇଛି। ଔପଦା ସାର୍ବଜନୀନ ପୂଜା କମିଟି ତରଫରୁ ବରିଷ୍ଠ ନାଗରିକ ତଥା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, କମିଟିର ବରିଷ୍ଠ ସଭ୍ୟ ଗୋପାଳ ଚନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ମୁଦୁଲି, ରତ୍ନାକର ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଅନାଦି ଧଳ, ମକରଧର ସେଠୀ, ନରେନ୍ଦ୍ର ପତ୍ରୀ, ଅନନ୍ତ ପ୍ରସାଦ ନନ୍ଦ, ଉଦୟ ପାଡ଼ୀ ଉତ୍ସବକୁ ଗହଳିଶୂନ୍ୟ କରିବାକୁ ମତ ଦେଇଛନ୍ତି।



# ଶୋଭା ବଢ଼ାଉଛି 'କାଶତଣ୍ଡୀ'

ବେତନଟୀ,୧୨।୧୦(ସ୍ୱ.ପ୍ର.)



କାଶତଣ୍ଡୀ ଫୁଲ । ଶରତ ଋତୁରେ ପ୍ରକୃତିର ଏକ ବିଚିତ୍ର ସୃଷ୍ଟି। ରାସ୍ତାକଡ଼ ହେଉ ଅବା ନଈପଠା, ସବୁଠି ଏବେ ଶୋଭା ପାଉଛି ଏହି ଫୁଲର ସମ୍ଭାର। ଏପରି ମନଲୋଭା ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ।

ରୂପ୍‌ସା-ମାଣତ୍ରୀ ରାସ୍ତାର ବୈଶିଙ୍ଗା ତଥା ବୁଢ଼ାବଳଙ୍ଗ ଅବବାହିକା ଅଞ୍ଚଳର ନଦୀପଠାରେ ହେଉ କିମ୍ବା ରାସ୍ତାର ଦୁଇ ପାର୍ଶ୍ୱରେ ଭରିଯାଇଛି କାଶତଣ୍ଡୀ। କେବଳ ରାସ୍ତାକଡ଼ କି ନଦୀପଠା ନୁହେଁ ବରଂ ଦୂର ଦିଗବଳୟ ଯାଏ ଲମ୍ବିଛି କାଶତଣ୍ଡୀ ଫୁଲ। ପବନରେ ଦୋହଲୁଥିବା କାଶତଣ୍ଡୀ ଫୁଲର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ପଡୁଛନ୍ତି ସେହି ରାସ୍ତାରେ ଯାଉଥିବା କ୍ଲାନ୍ତ ପଥିକ। ଏହାର ନୈସର୍ଗିକ ଆଭାରେ ମଣିଷ କ୍ଷଣିକ ପାଇଁ ଭୁଲିଯାଉଛି ପାର୍ଥିବ ଯାତନା। କାଶତଣ୍ଡୀ ଓଡ଼ିଆ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରେଖା ପଞ୍ଚମୀରେ ଏହି ଫୁଲର ବେଣୀ ଘରେ ଘରେ କବାଟରେ ବାନ୍ଧି ପୂଜା କରାଯାଏ। କାଶତଣ୍ଡୀ ଫୁଲର ଦୋଳାୟିତ ଚାମରରେ ଧରାବତରଣ କରନ୍ତି ମା' ଦୁର୍ଗା। ଶାରଦୀୟ ଦୁର୍ଗାପୂଜା ହୋଇଉଠେ ଉତ୍ସବମୁଖର। ସୁନିର୍ମଳ ସ୍ୱଚ୍ଛ ଶରତ ବୁକୁରେ କାଶତଣ୍ଡୀର ରୋମାଞ୍ଚ ଭରା ରୂପଲାବଣ୍ୟ, ପ୍ରେମିକ, ଭାବୁକ, କବି, ଲେଖକ ସମସ୍ତଙ୍କୁ ଆକୃଷ୍ଟ କରୁଛି।

